## ଲୁଗା ଗୋଦାମରେ ଅଗ୍ନିକାଣ୍ଡ

**ଭଦ୍ରକ ଅଫିସ:** ଭଦ୍ରକ ଥାନା ଛକରେ ଥିବା ଏକ ଲୁଗା ଗୋଦାମରେ ଗୁରୁବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଲୁଗା ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ ଭୋର ପ୍ରାୟ ୪ଟା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିଲା। ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ମାଲିକ ଶୈଳେଶ ସାମାନୀ କହିଛନ୍ତି। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୨୯।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଗଡ଼ିଆ ପଞ୍ଚାୟତର ବାଉଁଶକଟିଆ ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି! ମୃତକ ହେଲେ ଉକ୍ତ ଗ୍ରାମର ତରଣୀ ସେନ ନାୟକ।

ସୂଚନା ଅନୁଯାୟୀ, ବୁଧବାର ତରଣୀ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ପୂର୍ବାହ୍ନରେ ଉକ୍ତ ପୋଖରୀରେ ଚପଲ ଭାସୁଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀ ଭିତରୁ ତରଣୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଏଏସ୍‌ଆଇ ମଞ୍ଜୁଲତା ବେହେରା ତଦନ୍ତ ଜାରି ରଖିଛନ୍ତି।

### ଜାନୁୟାରୀ ଶେଷ ସପ୍ତାହରେ ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବନ୍ତ,୨୯।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ମିନିଷ୍ଟାଡିୟମଠାରେ ଆସନ୍ତା ଜାନୁଆରୀ ଶେଷ ସପ୍ତାହରେ ୨୧ତମ ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଏନେଇ ବନ୍ତ ଶାନ୍ତି ୟୁଥ୍ କ୍ଲବ ଆନୁକୂଲ୍ୟରେ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ମିନିଷ୍ଟାଡିୟମଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ଶତାଧିକ କ୍ରୀଡ଼ାପ୍ରେମୀ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଟୁର୍ଣ୍ଣାମେଣ୍ଟ କମିଟିର ସଦସ୍ୟମାନେ କିଶୋର ନାୟକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବୈଠକରେ ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ, ଟିମ୍ ଯୋଗାଯୋଗ, ପଡ଼ିଆ ସାଜସଜ୍ଜା, ପାର୍କିଂ ବ୍ୟବସ୍ଥା, ଖେଳାଳି ରହିବା ବ୍ୟବସ୍ଥା, ଦର୍ଶକ ଗ୍ୟାଲେରୀ, ଅତିଥି ନିମନ୍ତ୍ରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ସର୍ବଭାରତୀୟ ସ୍ତରରୁ ୮ ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

### ଆମ ପୋଲିସ ସମିତି ବୈଠକ

କୁଳିଅଣା,୨୯।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ଥାନାରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ଆଇଆଇସି ଉମାକାନ୍ତ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମିତିର ସଭାପତି ସୁଧାଂଶୁ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରବି କର, କରୁଣା କର, ଚିତ୍ତରଞ୍ଜନ ମହାନା,ଦୁର୍ଯ୍ୟୋଧନ ନାଏକ, ବିଭୂତି ଭୂଷଣ ସଦୁଆଲ, ଏଏସ୍‌ଆଇ ସଦାଶିବ ନାୟକ ଓ ଥାନାର ସମସ୍ତ ପୋଲିସ କର୍ମଚାରୀ ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ପୋଲିସ-ପବ୍ଲିକ ମଧ୍ୟରେ ସୁସମ୍ପର୍କ ରହିଲେ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ହୋଇପାରିବ ବୋଲି ଥାନା ଅଧିକାରୀ କହିଥିଲେ।

# ସୁରକ୍ଷା ଅର୍ଥ ଯାଉଛି କୁଆଡ଼େ

## ଶିମିଳିପାଳ ଅଭୟାରଣ୍ୟ




ବାରିପଦା ଅଫିସ,୨୯।୧୨

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷାକୁ ନେଇ ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କଲେଣି। ବନ୍ୟଜନ୍ତୁଙ୍କ ଅବାଧ ଶିକାର ଓ କାଠମାଫିଆଙ୍କ ଦୌରାତ୍ମ୍ୟକୁ ନେଇ ଶିମଳିପାଳ ଅଭୟାରଣ୍ୟ ଏବେ ସଙ୍କଟରେ। ଅସୁରକ୍ଷିତ ଓ ଦିଗହରା ସାଜିଥିବା ପ୍ରାଣୀ ଜୀବନ ବଞ୍ଚାଇବା ପାଇଁ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ପ୍ରବେଶ କରୁଛନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ବନବିଭାଗ ନିଦାବିଷ୍ଟ ସାଜିଥିବା ବେଳେ ସୁରକ୍ଷା ପାଇଁ ଆସୁଥିବା ଅର୍ଥ ବାଟମାରଣା ହେଉଛି ବୋଲି ପ୍ରାଣୀପ୍ରେମୀମାନେ ଅଭିଯୋଗ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରେ ଶିକାର ରୋକିବା ଓ ବନ୍ୟଜନ୍ତୁକୁ ସୁରକ୍ଷା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି । ଶିକାରୀଙ୍କ ଗତିବିଧି ଉପରେ ନଜର ରଖି ବନବିଭାଗକୁ ସୂଚନା ପ୍ରଦାନକାରୀଙ୍କ ପାଇଁ ଆସୁଥିବା ଅର୍ଥ ବାଟମାରଣା କରାଯାଉଛି । ଏହି ସୂଚନାଦାତାଙ୍କ ନାମ ଗୋପନ ରଖାଯାଇ ସେମାନଙ୍କୁ ଆର୍ଥିକ ସହଯୋଗ କରାଯାଇଥାଏ। ସେମାନେ ଗାଁ ହାଟ, ଛକ ଓ ବଜାରରୁ ତଥ୍ୟ ସଂଗ୍ରହ କରି ଶିକାରୀମାନଙ୍କ ଯୋଜନା ସମ୍ପର୍କରେ ବିଭାଗକୁ ଅବଗତ କରିଥାନ୍ତି। ଫଳରେ ଶିକାରୀମାନେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ବନବିଭାଗର ଅଧିକାରୀମାନେ ସେମାନଙ୍କୁ କାବୁ କରିଥାନ୍ତି। ମାତ୍ର ଏସବୁ ଅର୍ଥକୁ ଠିକ୍ ଭାବେ ବିନିଯୋଗ କରାଯାଉ ନ ଥିବାରୁ ସୂଚନାଦାତାଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଛି। ଫଳରେ ଶିକାରୀମାନେ ନିର୍ଭୟରେ ଅଭୟରାଣ୍ୟରେ ପ୍ରବେଶ କରି ଶିକାର କରିବାରେ ସକ୍ଷମ ହୋଇପାରୁଛନ୍ତି। ସେହିପରି ମହାବଳ ବାଘ ରହୁଥିବା ସ୍ଥାନରେ କୌଣସି ପ୍ରକାର ଗାଡ଼ି, ମଟର ଚଳାଇବା କିମ୍ବା ଆଲୋକର ବ୍ୟବସ୍ଥା କରିବା ନିୟମ ନାହିଁ। ମାତ୍ର ବିଟ୍ ହାଉସ୍‌ଗୁଡ଼ିକରେ ସୌର ଲାଇଟ୍ ଲଗାଇ ମୋବାଇଲ ଓ ଟିଭି ଚଳାଇବା ଦ୍ୱାରା ଉକ୍ତ ଅଞ୍ଚଳ ମହାବଳ ବାଘଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଶିକାରୀଙ୍କ ବନ୍ଧୁକର ଶବ୍ଦ ଓ ବିଭାଗର ଏଭଳି ବ୍ୟବସ୍ଥା ଫଳରେ ବାଟବଣା ହୋଇ ବାଘ ଓ ହାତୀ ନିଜ ସ୍ଥାନରୁ ଅନ୍ୟତ୍ର ଯିବା ସମୟରେ ଶିକାରୀ ହାବୁଡ଼ରେ ପଡ଼ି ପ୍ରାଣ ହରାଉଛନ୍ତି। ସେହିପରି କୋର୍ ଏରିଆରେ ଲାଗିଥିବା କ୍ୟାମେରାଗୁଡ଼ିକୁ ଶିକାରୀମାନେ ଚୋରି କରିବା ଦ୍ୱାରା ବାଘ ଭଳି ଜନ୍ତୁର ଗତିବିଧିକୁ ସହଜରେ ଜାଣିପାରୁଛନ୍ତି। ଚୋରି ଘଟଣାକୁ ନେଇ ବନବିଭାଗ ନାମକୁ ମାତ୍ର ଏକ ମାମଲା ରୁଜୁ କରିବା ପରେ ନୀରବତା ଅବଲମ୍ବନ କରୁଛି। ଫଳରେ ଶିକାରୀଙ୍କ ପାଖରେ ପହଞ୍ଚିବା ତ ଦୂରର କଥା ସେମାନଙ୍କ ସମ୍ପର୍କରେ ଟେର୍ ମଧ୍ୟ ପାଇପାରୁ ନାହିଁ। ଅନ୍ୟପକ୍ଷରେ ଅଭୟାରଣ୍ୟ ମଧ୍ୟରେ ବିଭାଗୀୟ କୋଠାବାଡ଼ି ନିର୍ମାଣ ହେବା ଦ୍ୱାରା ବନ୍ୟପ୍ରାଣୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ବର୍ଷ ତମାମ ଶିକାରୀଙ୍କଠାରୁ ଜବତ ହେଉଥିବା ବନ୍ଧୁକଗୁଡ଼ିକ କେଉଁଠାରୁ ଆସୁଛି ତାହାକୁ ନେଇ କୌଣସି ତଦନ୍ତ କରାଯାଉନାହିଁ । ଏପରିକି ବନ୍ଧୁକ ବ୍ୟବହାରକାରୀଙ୍କ ଉପରେ ଆର୍ମ ଆକ୍ଟ ଲଗା ନ ଯିବାରୁ ସେମାନେ ସହଜରେ ମୁକୁଳିଯାଇ ପୁନର୍ବାର ଶିକାରରେ ଲିପ୍ତ ରହୁଛନ୍ତି। ଆଗାମୀ ଦିନରେ ଏଥି ପ୍ରତି ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ଶିମିଳିପାଳ ଅଭୟାରଣ୍ୟ କେବଳ ପାହାଡ଼ ପଥରରେ ସୀମିତ ରହିବ ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ୫୭୯ ସ୍ୱୟଂସହାୟିକା ଗୋଷ୍ଠୀକୁ ୨୪.୮୩ କୋଟି ଋଣ



ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ଅତିଥିମାନେ।

ବାସୁଦେବପୁର, ୨୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ନୀଳମଣି ଟାଉନ ହଲ୍ ପରିସରରେ ଓଡ଼ିଶା ମିଶନ ଶକ୍ତି ବିଭାଗ ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟ ସ୍ୱତନ୍ତ୍ର ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୭୯ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୨୪.୮୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରି ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ସଶକ୍ତ ଓ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାସ, ବିଡିଓ ସତ୍ୟଜିତ ରାଉତ, ଅଗ୍ରଣୀ ବ୍ୟାଙ୍କ ଜିଲା ମୁଖ୍ୟ ନାଗେଶ୍ୱର ରାଓ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରତିକାନ୍ତ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ। ବିପିଏମ୍ ବୀଣାପାଣି ପଣ୍ଡା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଜୀବିକା ମିଶନ ବ୍ଲକ ସଂଯୋଜକ ସନ୍ତୋଷ କୁମାର ଜେନା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଅମୀୟ ମହାପାତ୍ର, ଅନୁସୂୟା ଜେନା, ବିଦ୍ୟୁତପ୍ରଭା ଦୀକ୍ଷିତ, ଜୟନ୍ତୀ ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ୱତନ୍ତ୍ର ଶିଶୁ ସାନ୍ତାଳି ଅଙ୍ଗନୱାଡ଼ି ଖୋଲିବା ଦାବି



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ଓଡ଼ିଶା ବାଲେଶ୍ୱର ଶାଖା କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୨୯।୧୨

ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ଓଡ଼ିଶା ବାଲେଶ୍ୱର ଶାଖା ପକ୍ଷରୁ ଜିଲାରେ ସ୍ୱତନ୍ତ୍ର ଶିଶୁ ସାନ୍ତାଳି ଅଙ୍ଗନୱାଡ଼ି ଖୋଲିବା ପାଇଁ ଗୁରୁବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସାନ୍ତାଳୀ ଭାଷା ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ରେ ଆଦିବାସୀ ସାନ୍ତାଳୀ ଭାଷା ଅଲଚିକି ଲିପି ବାହାର କରିଥିଲେ। ବହୁବାର ଆନ୍ଦୋଳନ ଫଳରେ ୨୦୦୩ ଡିସେମ୍ବର ୨୨ରେ ଭାରତ ସମ୍ବିଧାନର ଅଷ୍ଟମ ସୂଚୀରେ ମାନ୍ୟତା ପାଇଥିବା ସାନ୍ତାଳୀ ଭାଷାରେ ଆମ ରାଜ୍ୟ ଓଡ଼ିଶାର ମୟୂରଭଞ୍ଜ ଓ କେଉଁଝର ଜିଲାରେ ଯେମିତି ସ୍ୱତନ୍ତ୍ର ସାନ୍ତାଳି ଭାଷାରେ ଅଙ୍ଗନୱାଡ଼ି ଚାଲୁଛି, ସେହିଭଳି ବାଲେଶ୍ୱର ଜିଲା ତଥା ଆଉ ଅନ୍ୟ ସମସ୍ତ ଜିଲାରେ ରହିଥିବା ଆଦିବାସୀ ସାନ୍ତାଳୀ ବହୁଳ ଗାଁରେ ସ୍ୱତନ୍ତ୍ର ଶିଶୁ ସାନ୍ତାଳି ଅଙ୍ଗନୱାଡ଼ି ଖୋଲିବା ପାଇଁ ଦାବି କରିଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଅଙ୍ଗନୱାଡ଼ି ପ୍ରତିଷ୍ଠା କରି ସାନ୍ତାଳୀ ଶିକ୍ଷୟିତ୍ରୀ ନିଯୁକ୍ତି କଲେ ଆଦିବାସୀ(ସାନ୍ତାଳ) ସମ୍ପ୍ରଦାୟମାନଙ୍କର ଶିକ୍ଷା ଓ ସଂସ୍କୃତିର ବିକାଶ ହୋଇ ପାରିବ। ସଂଘ ତରଫରୁ ୧୦ଟି ବେସରକାରୀ ଭାବରେ ଶିଶୁ ସାନ୍ତାଳୀ ଅଙ୍ଗନୱାଡ଼ି ଚାଲୁ ରହିଛି।

# ୟୁବ ରେଡ୍‌କ୍ରସ ତରଫରୁ ରକ୍ତଦାନ ଶିବିର

ବାହାନଗା, ୨୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ୟୁବ ରେଡକ୍ରସ ୟୁନିଟ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହାକୁ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନେ ରକ୍ତଦାନ କରିଥିଲେ। ରକ୍ତ ସଂଗ୍ରହ ନିମନ୍ତେ ରକ୍ତଭଣ୍ଡାର ଡାକ୍ତର ମହେଶ କୁମାର ବିଶ୍ୱାଳ ଉପସ୍ଥିତ ରହି ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏହାକୁ ବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହା ଏନଏସଏସ ଛାତ୍ରୀଛାତ୍ର ଓ ୟୁଥ୍ ରେଡକ୍ରସ ୟୁନିଟ୍‌ର ସଦସ୍ୟାସଦସ୍ୟମାନଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# କୃଷିଗଣନା ପାଇଁ ଜିଲାସ୍ତରୀୟ ସମନ୍ୱୟ ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୨୯।୧୨

ବାଲେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ସଭା ଗୃହରେ ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେଉଥିବା ଏକାଦଶ କୃଷି ଗଣନା ପାଇଁ ପ୍ରଥମ ଜିଲାସ୍ତରୀୟ ସମନ୍ୱୟ ସମିତି ବୈଠକ ଗୁରୁବାର ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଡ. ସବ୍ୟସାଚୀ ଦତ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲାପାଳ ତଥା ଜିଲା କୃଷିଗଣନା ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି କୃଷିଗଣନା ବା କୃଷି ଭିତ୍ତିକ ଜନଗଣନା ଭାରତ ସରକାରଙ୍କ ଦ୍ୱାରା ୧୯୭୦-୭୧ ବର୍ଷରେ ପ୍ରଥମେ ଆରମ୍ଭ କରାଯାଇ ଅଦ୍ୟାବଧି ୧୦ଟି କୃଷି ଗଣନା ସମ୍ପାଦିତ ହୋଇଛି। ଚଳିତ କୃଷିଗଣନା ଯାହାର ପ୍ରାସଙ୍ଗିକ ବର୍ଷ ୨୦୨୧-୨୨ ରହିଛି ଏହି ପର୍ଯ୍ୟାୟର ଏକାଦଶ ଗଣନା ଅଟେ। କୃଷିଗଣନା ମାଧ୍ୟମରେ ପ୍ରକୃତ ଚାଷ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଦିଗର ମୌଳିକ ତଥ୍ୟ ସଂଗ୍ରହ କରାଯାଏ। ଏହି ତଥ୍ୟ ଅନୁଶୀଳନ କରି କୃଷିର ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ଉନ୍ନତିମୂଳକ ଯୋଜନା, କାର୍ଯ୍ୟକ୍ରମ, ଆଇନ ପ୍ରଣୟନ, ସୁବିଧା ସୁଯୋଗ ପ୍ରଦାନ ଆଦି ସରକାରଙ୍କ ଦ୍ୱାରା ସମ୍ପାଦିତ କରାଯାଇଥାଏ। ଚଳିତ ଏକାଦଶ କୃଷିଗଣନା ଯାହାର ତୃତୀୟ ବା ଅନ୍ତିମ ପର୍ଯ୍ୟାୟ ୨୦୨୪ ଜୁନ୍ ପର୍ଯ୍ୟନ୍ତ ରହିଛି। ବାଲେଶ୍ୱର ଜିଲାର ୨୯୭୫ ଗ୍ରାମରେ ଜିଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍‌ର ପରିସଂଖ୍ୟାନ ଶାଖା ତତ୍ତ୍ୱାବଧାନରେ ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ, କୃଷି ଗ୍ରାମ ସେବକ ଆଦି କର୍ମଚାରୀଙ୍କୁ ନିୟୋଜିତ କରାଯାଇ କୃଷି ଗଣନା କରାଯିବ ବୋଲି ଜିଲାପାଳ ଶିନ୍ଦେ କହିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଚାରୁ ବଳ, ମୁଖ୍ୟ ଜିଲା ପ୍ରାଣୀଧନ ଅଧିକାରୀ ଡ. ବନମାଳୀ ସାହୁ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ପ୍ରତିନିଧି, କୋ-ଅପରେଟିଭ ସୋସାଇଟିର ସହକାରୀ ନିବନ୍ଧକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲା ସୂଚନା ଅଧିକାରୀ ପ୍ରମୁଖ ମତ ରଖିଥିଲେ।

## ବଲାଣୀରେ ଦମ୍ପତିଙ୍କୁ ଗୁଳିକରି ହତ୍ୟା ଘଟଣା

# ଏକମାସ ପରେ ବି ଅଭିଯୁକ୍ତଙ୍କୁ ପାଉନି ପୋଲିସ

ବଡ଼ବିଲ,୨୯।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଲସର୍ଦା ଗ୍ରାମରେ ଗତ ନଭେମ୍ବରରେ ଦୁର୍ବୃତ୍ତ ଗୁଳିକରି ଦମ୍ପତିଙ୍କୁ ହତ୍ୟା ଘଟଣାର ଏକ ମାସ ପରେ ବି ଅପରାଧୀଙ୍କ ଟେର ପାଉନି ପୋଲିସ। ଡକାୟତି ପାଇଁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିବା ବେଳେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। କେବଳ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ତଦନ୍ତ ଜାରି ରଖିଛି।

ସୂଚନାଅନୁଯାୟୀ, ହତ୍ୟାକାଣ୍ଡକୁ ୩୧ ଦିନ ବିତି ଯାଇଥିଲେ ସୁଦ୍ଧା ଅପରାଧୀଙ୍କର କୌଣସି ଟେର ମିଳିପାରିନାହିଁ। ଏପରିକି ହତ୍ୟାକାଣ୍ଡର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇପାରିନି। ବଲାଣୀ ପୋଲିସ ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଉକ୍ତ ଗ୍ରାମର ଅନେକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ ହେଁ କିଛି ସୁଫଳ ମିଳିପାରି ନ ଥିବା ଜଣାପଡ଼ିଛି। ଏ ନେଇ ବଲାଣୀ ଥାନା ଇନ୍‌ସପେକ୍ଟର ବିଦେଶୀ ବାଗ କହିଛନ୍ତି, ଡକାୟତି ଉଦ୍ୟମ ନିମନ୍ତେ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ସନ୍ଦିଗ୍ଧମାନେ ଫେରାରଥିବାରୁ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ସନ୍ଦିଗ୍ଧମାନେ ସେହି ଗ୍ରାମର ହୋଇ ନ ଥିବା ଥାନାଧିକାରୀ କହିଛନ୍ତି। ଅପରାଧୀମାନେ ଧରା ନ ପଡ଼ିବା ଓ ହତ୍ୟାକାଣ୍ଡର କାରଣ ଜଣା ନ ପଡ଼ିବା ପୋଲିସ ବିଭାଗର ଦକ୍ଷତା ପ୍ରତି ବି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜଣେ ଦକ୍ଷ ପୋଲିସ ଅଫିସରଙ୍କ ଦ୍ୱାରା ହତ୍ୟା ଘଟଣାର ତଦନ୍ତ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

ପ୍ରକାଶଯୋଗ୍ୟ, ନଭେମ୍ବର ମାସ ୨୮ ତାରିଖ ଲସର୍ଦା ଗ୍ରାମରେ ତେଜରାତି ଦୋକାନରେ ଥିବା ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ପୁଅ ହିମାଂଶୁ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ଆକ୍ରମଣ କରି ମୋବାଇଲ ଛଡ଼ାଇ ନେଲେ

ବାହାନଗା, ୨୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଇଞ୍ଚୁଡି ପଞ୍ଚାୟତର ବାଲିଚଉଁରୀ ଗ୍ରାମ ଛକରୁ ମୂରଲୀଧର ମଲିକ ନାମକ ଯୁବକ ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ଏକ ମାରଣାସ୍ତ୍ରରେ ଆକ୍ରମଣ କରି ମୋବାଇଲ ଫୋନ୍ ଛଡାଇନେଇ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ଯୁବକଙ୍କ ବାଇକ ଓ ମାରଣାସ୍ତ୍ରକୁ ଜବତ କରି ପୋଡିଦେଇଛନ୍ତି। ଘଟଣାସ୍ଥଳରୁ ୩ଜଣ ଯୁବକ ଚମ୍ପଟ ମାରି ଫେରାର ହୋଇଯାଇଥିଲେ। ଏ ନେଇ ଖନ୍ତାପଡା ଥାନାରେ ମୂରଲୀ ମଲିକ ଅଭିଯୋଗ କରିଛନ୍ତି।

# ଟାଏକୋଣ୍ଡୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବେତନଟୀ,୨୯।୧୨(ଡି.ଏନ.ଏ.)

ଭଦ୍ରକଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନସିପ୍‌ରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ବେତନଟୀସ୍ଥିତ ଜାତୀୟ ରାଜପଥ ଡାକ ବଙ୍ଗଳାରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ମୁଖ୍ୟବକ୍ତା ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓଡା, ସମ୍ମାନିତ ଅତିଥି ଭାବେ ଶାଳବଣି ସାମିଲ ନହଣ୍ଡାଶୋଳର ସରପଞ୍ଚ ରାମଦୁ ହାଁସଦା, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ, ମୁକ୍ତାପୁର ସମିତି ସଭ୍ୟ ବିବେକାନନ୍ଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

ମୟୂରଭଞ୍ଜ ଜିଲାର କୋଚ୍ ଶରତ ମଣ୍ଡୁଆଳଙ୍କ ନେତୃତ୍ୱରେ ୨୩ ଜଣ ଖେଳାଳି ଉକ୍ତ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ବୁଧୁରାମ ସିଂ, ସୌମ୍ୟରଞ୍ଜନ ଗୁଡ୍ଡୁ, ଲକ୍ଷ୍ମୀପ୍ରିୟା ସିଂ, ଶତ୍ରୁଘନ ମଣ୍ଡୁଆଳ, ବିବଶନ ମହାନ୍ତ ଓ ବିଷ୍ଣୁପ୍ରିୟା ବାଗ। ସେହିଭଳି ଆଦିତ୍ୟ କୁମାର ସିଂ, ବୈଭବ ଭଞ୍ଜ, ସାଗର ସେଠୀ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ପଦକ ପାଇଥିବା ଖେଳାଳିମାନେ ହେଲେ ଅଶ୍ୱିନୀ କୁମାର ପଟ୍ଟନାୟକ, ଶୁଭମ ବେହେରା, ସ୍ମୃତି ରଞ୍ଜନ ଗୁଡ୍ଡୁ, କୁମାର ଶିବ ମହାନ୍ତ, ଦିବ୍ୟସ୍ମିତା ମଣ୍ଡୁଆଳ, ମୋହିତୋଷ୍ଟ ମହାନ୍ତ,ଅଂଶୁମାନ ପରିଡ଼ା। ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।



ଅତିଥିଙ୍କ ଗହଣରେ କୃତୀ ଖେଳାଳି।

# ‘ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସନ୍ତୋଷଜନକ’

ଓମ୍ବାଡସି ଓଭରସାଇଟ ଅଥରିଟିଙ୍କ ସମୀକ୍ଷା

କେନ୍ଦୁଝର,୨୯।୧୨(ସ୍ୱ.ପ୍ର./ଡି,ଏନ୍.ଏ)

ଓଡ଼ିଶା ମିନେରାଲ ବିଅରିଂ ଏରିଆଜ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ(ଓମ୍ବାଡସି)ର ଓଭରସାଇଟ ଅଥରିଟି ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ ଦ୍ୱିତୀୟ ଦିନର କେନ୍ଦୁଝର ଗସ୍ତରେ ବିଭିନ୍ନ ପ୍ରକଳ୍ପ/କାର୍ଯ୍ୟକ୍ରମର ତଦାରଖ ସହିତ ସମୀକ୍ଷା କରିଛନ୍ତି। ଗୁରୁବାର ଜିଲା କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ପ୍ରକଳ୍ପ ଅଗ୍ରଗତି ସନ୍ତୋଷଜନକ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଓମ୍ବାଡିସି ଅନୁଦାନରେ କାର୍ଯ୍ୟକ୍ରମ ବ୍ୟାପକ କରି ଜନସାଧାରଣଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି।

ପ୍ରାରମ୍ଭରେ ଜିଲାପାଳ ଆଶିଷ ଠାକ୍ରେ ଜଷ୍ଟିସ ପଟ୍ଟନାୟକ, ଓମ୍ବାଡିସିର ବରିଷ୍ଠ କର୍ମକର୍ତ୍ତା ତଥା ଉପସ୍ଥିତ ପଦାଧିକାରୀଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ। ଜିଲାବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ, ମୁଖ୍ୟ ଚିକିତ୍ସାଳୟ ତଥା ଅନ୍ୟାନ୍ୟ ଚିକିତ୍ସାଳୟମାନଙ୍କର ଭିତ୍ତିଭୂମିର ବିକାଶ ସହିତ ଆଧୁନିକ ଚିକିତ୍ସା ପଦ୍ଧତି ପାଇଁ ଆବଶ୍ୟକୀୟ ଉପକରଣ ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରର ଭିତ୍ତିଭୂମିର ବ୍ୟବସ୍ଥା, ଜନସାଧାରଣଙ୍କର ଜୀବନଜୀବିକାର ଉନ୍ନତି, ଦକ୍ଷତା ବିକାଶ, ବର୍ଷା ଜଳ ସଂରକ୍ଷଣ ଇତ୍ୟାଦି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଅର୍ଥ ମଞ୍ଜୁର କରାଯାଇଥିଲା। ୪ ବର୍ଷ ପରେ ଗସ୍ତ ସମୟରେ କେନ୍ଦୁଝର ଜିଲାରେ ପ୍ରଗତି କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଛି ବୋଲି ପଟ୍ଟନାୟକ କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଓମ୍ବାଡିସିର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଶେଖ୍ ନଇମୁଦ୍ଦିନ ଏବଂ ଦ୍ୱିପାୟନ ପଟ୍ଟନାୟକ, ସାଧାରଣ ପରିଚାଳକ (ପ୍ରଶାସନ) ସୁଧାକର ବର୍ଗୀ, ସାଧାରଣ ପରିଚାଳକ (ଅପରେସନ) ଜୟନ୍ତ ଦାଶ, କନସଲଟାଣ୍ଟ ପାର୍ଥସାରଥି ମହାନ୍ତି, ଟିମ୍ ଲିଡର(ପିଏମ୍‌ୟୁ) ଅମ୍ବୁଜ ପ୍ରସାଦ ଓମ୍ବାଡିସିର ଓଭରସାଇଟ ଅଥରିଟିଙ୍କ ଗସ୍ତ ଓ ସମୀକ୍ଷା ବୈଠକ ସମୟରେ ଉପସ୍ଥିତ ଥିଲେ।



ଓଭରସାଇଟ ଅଥରିଟି ମୁଖ୍ୟ ଅନଙ୍ଗ ପଟ୍ଟନାୟକ, ଜିଲାପାଳ ଆଶିଷ୍ ଠାକରେ ଓ ଅନ୍ୟମାନେ।

**କେନ୍ଦୁଝରରେ ଦିବ୍ୟାଙ୍ଗ କ୍ରିକେଟ୍ କଳିଙ୍ଗ ଟ୍ରଫି**

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଷ୍ଟାଡିୟମରେ ଦିବ୍ୟାଙ୍ଗ ହ୍ୱିଲ ଚେୟାର କ୍ରିକେଟ କଳିଙ୍ଗ ଟ୍ରଫି ୨୦୨୩ ଜାନୁୟାରୀ ୨ ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳର ଟିମ ଭାଗ ନେବେ। ଦିବ୍ୟାଙ୍ଗ କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ ଓ ଦିବ୍ୟାଙ୍ଗ ହ୍ୱିଲ ଚେୟାର କ୍ରିକେଟ ଆସୋସିଏସନ ଓଡ଼ିଶାର ମିଳିତ ସହଯୋଗରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ସମବାୟ ସମିତି କାର୍ଯ୍ୟାଳୟ, ଧାନମଣ୍ଡି ଉଦ୍‌ଘାଟିତ

ପଦ୍ମପୁର,୨୯।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତର ମାଟିପକା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ସହ ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସମବାୟ ସମିତି ସଭାପତି ନିତ୍ୟାନନ୍ଦ ବାରିକଙ୍କ ସଭାପତିତ୍ୱରେ ବାଲେଶ୍ୱର ଡିଆର୍‌ସିଏସ୍ ସୀତା ପତି, ଏଆର୍‌ସିଏସ୍ ସଦାନନ୍ଦ ବେହେରା, କରୁଣାକର ମାଝି, ଏଡ଼ତାଳ ସେବା ସମବାୟ ସମିତି ସଭାପତି ଭରତ କୁମାର ନାୟକ, ସରପଞ୍ଚ ଜାନକୀ ବାରିକ, ସମିତିସଭ୍ୟା ସନ୍ଧ୍ୟାରାଣୀ ବାରିକ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ସମ୍ପାଦକ ଧର୍ମନାରାୟଣ ଜେନା, ସହସମ୍ପାଦକ ବିଜୟ କୁମାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ।

### ବାସୁଳୀ ମନ୍ଦିର ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଧାୟକ

ପାଟଣା,୨୯।୧୨(ସ୍ୱ.ପ୍ର.)
କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଷାଖୋରୀ ଗ୍ରାମରେ ମା' ବାସୁଳୀଙ୍କ ନିର୍ମାଣାଧୀନ ମନ୍ଦିର ଉନ୍ନତିକରଣ କାର୍ଯ୍ୟକୁ ଗୁରୁବାର ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ବୁଲି ଦେଖିବା ସହ ତଦାରଖ କରିଛନ୍ତି। ତାଙ୍କ ସହ ୨୧ ନଂ. ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲଚନ୍ଦ୍ର ନାୟକ, ଉତ୍ତର ଓଡ଼ିଶା ଯୁବବିଜେଡି ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ ଓ ବିଜେଡି ନେତା ଅଯୋଧ୍ୟା ବେହେରା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏଥିସହ ବିଧାୟକ ନାଏକ ଅସୁସ୍ଥ ଥିବା ମୂଷାଖରୀ ଗ୍ରାମ ବିଜେଡିର ପୁରୁଖା ନେତା ରବି ସେଠୀଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ।

### ବାଙ୍ଗିରିପୋଷି ସୁପର ଜ୍ୟାଣ୍ଟସ୍ ଚାମ୍ପିୟନ
#### ଷ୍ଟେଶନ ପ୍ରିମିୟର ଲିଗ୍ କ୍ରିକେଟ

ବାଙ୍ଗିରିପୋଷି,୨୯।୧୨(ଡି.ଏନ.ଏ.): ବାଙ୍ଗିରିପୋଷି ଷ୍ଟେଶନ ପ୍ରିମିୟର ଲିଗ୍ କ୍ରିକେଟର ୨ୟ ସଂସ୍କରଣ ଗୁରୁବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ଆରବିନ୍ଦ ଷ୍ଟାର ଦଳକୁ ହରାଇ ବାଙ୍ଗିରିପୋଷି ସୁପର ଜ୍ୟାଣ୍ଟସ ଟିମ୍ ଚାମ୍ପିୟନ ହୋଇଛି। ଆରବିନ୍ଦ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୨୯ ରନ କରିଥିଲା। ଜବାବରେ ବାଙ୍ଗିରିପୋଷି ସୁପର ଜ୍ୟାଣ୍ଟସ ୧୦ ଓଭରରେ କୌଣସି ଉଇକେଟ ନ ହରାଇ ୧୩୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି ଓ ସୁବୋଧ ମାରାଣ୍ଡି, ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ବିଜେଡି ନେତା ବୀରକିଶୋର ମହାନ୍ତି, ଭୂଆଶୁଣି ଲ୍ୟାମ୍ପସ ପରିଚାଳକ ନିର୍ଦ୍ଦେଶକ ଯଦୁନାଥ ମୁର୍ମୁ, ଯୁବନେତା ସିପୁନ ମହାପାତ୍ର, ବିଶ୍ୱଜିତ ଶର୍ମା, ଭରତ ଚନ୍ଦ୍ର ପାତ୍ର ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

### କୁଡୁମୀ ସେନାର ସମ୍ବର୍ଦ୍ଧନା ସଭା

ଠାକୁରମୁଣ୍ଡା,୨୯।୧୨(ଡି.ଏନ.ଏ.)
ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ବୁଧବାର ରାଜ୍ୟ କୁଡୁମୀ ସେନା ପକ୍ଷରୁ ଏକ ସମୀକ୍ଷା ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ କୁଡୁମୀ ସେନାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କୁଡୁମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ଉପେନ୍ଦ୍ର ମହାନ୍ତ, ଜିଲା ଉପ ସଭାପତି ବଳଭଦ୍ର ମହାନ୍ତ, କେନ୍ଦୁଝର ଜିଲା ସଭାପତି କୈଳାଶ ମହାନ୍ତ, ବାଲେଶ୍ୱର ଜିଲା ସଭାପତି ନିରଞ୍ଜନ ମହାନ୍ତ, ମହିଳା ସେନାର ଅଞ୍ଜନା ମହାନ୍ତ, ସୁଜାତା ମହାନ୍ତ, ନିରୂପମା ମହାନ୍ତ, ସରସ୍ୱତୀ ମହାନ୍ତ, ସୁଭଦ୍ରା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ସହ କୁଡ଼ୁମାଲି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବାକୁ ସଭାରେ ବକ୍ତାମାନେ ଦାବି କରିଥିଲେ। ସରକାର କୁଡୁମୀ ସେନାର ଦାବିକୁ ଦୀର୍ଘ ୧୨ ବର୍ଷ ଧରି କର୍ଣ୍ଣପାତ କରୁ ନ ଥିବାରୁ ଆସନ୍ତା ଜାନୁୟାରୀ ମାସଠାରୁ ସେନା ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସେନାର ରାଜ୍ୟ ସଭାପତି କହିଛନ୍ତି।

# ବସ୍‌ଷ୍ଟାଣ୍ଡରେ ପରିବା ବେପାର

**■ସମସ୍ୟା ଭୋଗୁଛନ୍ତି ଯାତ୍ରୀ**
**■ମନା କଲେ ଶୁଣୁନାହାନ୍ତି**

ଚମ୍ପୁଆ,୨୯।୧୨(ଡି.ଏନ.ଏ)

ଦୈନିକ ପରିବା ବଜାର ଥାଉ ଥାଉ ବେପାରୀଙ୍କର କିଣାବିକାର ଆଡ଼ା ପାଲଟିଛି ଚମ୍ପୁଆ ବସ୍‌ଷ୍ଟାଣ୍ଡ। ବେପାରୀମାନେ ବସ୍‌ଷ୍ଟାଣ୍ଡ ଭିତରେ ଚାଷୀଙ୍କଠୁ କାରବାର କରୁଛନ୍ତି। ଏପରିକି ବସ୍ ରହୁଥିବା ସ୍ଥାନ ଗୁଡିକ ମଧ୍ୟ ସକାଳ ସମୟରେ ବେପାରୀମାନଙ୍କ କବ୍‌ଜାରେ ରହୁଛି। ଏଠାରେ ଦିନକୁ ଦିନ ବେପାରୀଙ୍କର ପାର୍ଦ୍ଦୁଭାବ ବୃଦ୍ଧି ପାଉଥିଲେ ମଧ୍ୟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୌଣସି ଅଙ୍କୁଷ ଲଗାଯାଉ ନାହିଁ। ପରିବା କିଣାବିକା ଦ୍ୱାରା ଦୈନିକ ବସ୍‌ଯୋଗେ ଯାତ୍ରା କରୁଥିବା ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚମ୍ପୁଆ ଦୈନିକ ପରିବା ହାଟ ଖୋଲାଯାଇଛି। କିଣାବିକା ପାଇଁ ପିଣ୍ଡିମାନ ନିର୍ମାଣ କରାଯିବା ସହିତ ପରିବା ବିକ୍ରେତାମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଦୈନିକ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ଏଠାରେ ପରିବା ବିକ୍ରେତାଙ୍କଠାରୁ ଧାର୍ଯ୍ୟ ମହାସୁଲ ଆଦାୟ କରୁଛନ୍ତି। କିନ୍ତୁ ବେପାରୀମାନେ ଉକ୍ତ ପରିବା ବଜାରରେ ନ ରହି ବସ୍‌ଷ୍ଟାଣ୍ଡ ଭିତରେ ଚାଷୀଙ୍କଠାରୁ ପରିବା କିଣାବିକା କରୁଛନ୍ତି। କେତେକ ବେପାରୀ ଚାଷୀଙ୍କୁ ମିଛସତ କହି କମ ଦରରେ ପରିବା କିଣିବା ନିମନ୍ତେ ବସ୍‌ଷ୍ଟାଣ୍ଡର ମୁଖ୍ୟ ଫାଟକଠାରେ ଜଗି ରହୁଛନ୍ତି। ଏନେଇ ବିରୋଧ କଲେ କେତେକ ବେପାରୀ ବସ୍‌ରେ ମାଲ ପରିବହନ କରିବୁ କହି ଭୂଆଁ ବୁଲାଉଛନ୍ତି। ମାତ୍ର ମହାସୁଲ ଆଦାୟକାରୀ ତାଙ୍କୁ ତାଗିଦ୍ କରିବା ବଦଳରେ ତାଙ୍କଠାରୁ ଯାଇ ମହାସୁଲ ଆଦାୟ କରିବା ଦେଖିବାକୁ ମିଳିଛି। ଏ ନେଇ ବସ୍‌ଷ୍ଟାଣ୍ଡ ଦାୟିତ୍ୱରେ ଥିବା ସୁପରଭାଇଜର ବିଶ୍ୱମ୍ବର ସାହୁଙ୍କୁ ପଚାରିବାରୁ କହିଛନ୍ତି, ବାରମ୍ବାର ମନା କଲା ପରେ ବି ବେପାରୀମାନେ କଥା ଶୁଣୁନାହାନ୍ତି। ବିଭିନ୍ନ ଆଳ ଦେଖାଉଛନ୍ତି। ଏପରିକି ଅନେକ ସମୟରେ ସେମାନେ ଗାଳିଗୁଲଜ କରୁଥିବା ମଧ୍ୟ ସେ କହିଥିଲେ।


ବସ୍‌ଷ୍ଟାଣ୍ଡରେ ବ୍ୟବସାୟୀ କିଣି ରଖିଥିବା ପରିବା ବସ୍ତା।

# ବିବେକାନନ୍ଦ ପାଠକ ମଞ୍ଚର ଅଷ୍ଟାଦଶ ସ୍ୱନକ୍ଷତ୍ର ଉତ୍ସବ



କୃତୀ ଛାତ୍ରୀଛାତ୍ର ଓ ଅତିଥିମାନେ।

ହାଟଡିହୀ,୨୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନୂଆରମ୍ପାସ ବିବେକାନନ୍ଦ ପାଠକ ମଞ୍ଚ ତରଫରୁ ଅଷ୍ଟାଦଶ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରେଷ୍ଠ ପାଠକ ଚୟନ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ନୂଆରମ୍ପାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଡିସେମ୍ବର ୧୧ରେ ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶ୍ରେଷ୍ଠ ପାଠକ ଚୟନ ଲିଖିତ ପରୀକ୍ଷା, ଆଶୁ ଓଡ଼ିଆ କବିତା ଲିଖନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ହାଟଡ଼ିହୀ ବ୍ଲକ୍‌ର ପାଖାପାଖି ୬୦ ଗୋଟି ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପାଠକ ଚୟନ ସାକ୍ଷାତକାର ପରୀକ୍ଷାର ବିଚାରକ ଭାବେ ପ୍ରାଧ୍ୟାପକ ଡ଼ଃ ଦୀପ୍ତିରଞ୍ଜନ ପଟ୍ଟନାୟକ, ଆନନ୍ଦପୁର ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ ଏବଂ ଅଧ୍ୟାପକ ରଘୁଦୀପ୍ତି ନାୟକ ଦାୟିତ୍ୱରେ ଥିଲେ। ଯୁବ କବି ଭାଗିରଥି ସେନାପତିଙ୍କ ସଂଯୋଜନାରେ କବି ବଳରାମ ସେନାପତି, ସଂସ୍କୃତ ଶିକ୍ଷକ ଓ କବି ନରେନ୍ଦ୍ର ପ୍ରସାଦ ବେହେରା ସଙ୍ଗୀତ ଓ ହାସ୍ୟବ୍ୟଙ୍ଗ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ଜ୍ୟୋତ୍ସ୍ନାଶ୍ରୀ ପୁଷ୍ପାରାଣୀ ସେନାପତି ସ୍ୱାଗତ ଗୀତିକା ଗାନ କରିଥିଲେ। ମଞ୍ଚରେ ବରିଷ୍ଠ ଶିକ୍ଷକ ପିତାମ୍ବର ଆୟଚ ଏବଂ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ତଥା ବରେଣ୍ୟ ଗାଳ୍ପିକ ଡ. ଦିପ୍ତୀରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଆୟକର କମିଶନର ପ୍ରଦୋଷଚନ୍ଦ୍ର ମହାନ୍ତି ଏବଂ ବିଶିଷ୍ଟ ପ୍ରାବନ୍ଧିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୨ ଶିକ୍ଷା ବର୍ଷର ଦଶମ ଶ୍ରେଣୀ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ୱାଧୀନ ବିଶ୍ୱାଳଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଏବଂ ପୁସ୍ତକ ସହ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ରବୀନ୍ଦ୍ର ନାୟକ, ସାରଦାପ୍ରସନ୍ନ ଜେନା, ଅକ୍ଷୟ ଜେନା, ବୈଷ୍ଣବ ଚରଣ ବାରିକ, ବେଣୁଧର ସାହୁ, ବରଦା ପ୍ରସନ୍ନ ବାରିକ, ଗଙ୍ଗାଧର ପୁହାଣ, ବିଶ୍ୱମୋହିନୀ ଜେନା, ସୁନିତା ମଞ୍ଜରୀ ବାରିକ, ଉର୍ମିଉତ୍କଳିକା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଚେତନ ହେବାକୁ ଚାଷୀଙ୍କୁ ପରାମର୍ଶ



କୃଷି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ଅଧିକାରୀଙ୍କ ପ୍ରଶିକ୍ଷଣ।

ଭୋଗରାଇ, ୨୯।୧୨(ଡି.ଏନ.ଏ.)

କୃଷକ ସଚେତନ ହୋଇ ଠିକ୍ ପଦ୍ଧତିରେ ଚାଷ କଲେ ସେ ଲାଭବାନ ହେବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାଡ଼ିଜଳେଶ୍ୱରପୁର ଗ୍ରାମସ୍ଥିତ କୃଷି ବିଭାଗ ପକ୍ଷରୁ ବୁଧବାର ଆୟୋଜିତ କୃଷିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ପରାମର୍ଶଦାତା ଓ କୃଷି ବୈଜ୍ଞାନିକମାନେ ମତପ୍ରକାଶ କରିଛନ୍ତି।

ସରପଞ୍ଚ ବିରୁପାକ୍ଷ ଜେନାଙ୍କ ପରିଚାଳନାରେ ଭୋଗରାଇ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କୃଷି ଓ କୃଷକର ଉନ୍ନତି ଘଟିଲେ ଦେଶର ଅର୍ଥନୈତିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି ସୂଚନା ଦେଇଥିଲେ। କୃଷି ବୈଜ୍ଞାନିକ ଗାୟତ୍ରୀ ସାହୁ, ପ୍ରଭାମଞ୍ଜରୀ ଗିରି କୃଷକମାନେ ନିଜ ଜମିରେ ମାଟିର ଅମ୍ଳ ପରୀକ୍ଷା କରିବା ସହ ଅପସାର ଓ ଗୌଣ ସାର ରୂପରେ ଗୁରୁତ୍ୱାରୋପ କରିଥିଲେ। ଜୈବିକ ସାର ପ୍ରୟୋଗ କରି କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହେବାକୁ କୃଷକମାନଙ୍କୁ ଦୁଇ ବୈଜ୍ଞାନିକ ପରାମର୍ଶ ଦେଇଥିଲେ। କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ମାଟିରେ ମାତ୍ରାଧିକ ଜୈବିକ ସାର ପ୍ରୟୋଗ ଜମି ପାଇଁ ଯେମିତି କ୍ଷତିକାରକ ମଣିଷ ଖାଦ୍ୟ ପାଇ ତା'ଠାରୁ ଅଧିକ ବିପଦପୂର୍ଣ୍ଣ ବୋଲି କହିଥିଲେ। ବ୍ଲକ ସହ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ କୃଷକଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ସଫଳ, ବଳରାମ, କାଳିଆ, ପିଏମ୍ କିଶାନ ଭଳି ବହୁ କୃଷି କଲ୍ୟାଣ ଯୋଜନାର ସୁଯୋଗ ନେବାକୁ କୃଷକମାନଙ୍କୁ ପରାମର୍ଶ ଦେବା ସହିତ କୃଷି ଓ କୃଷକର ସମସ୍ୟାର ସମାଧାନ ନିମନ୍ତେ କୃଷି କର୍ମଚାରୀଙ୍କ ପରାମର୍ଶ ନେବାକୁ କହିଥିଲେ। ଏହି କୃଷି ମେଳା ଓ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷକଙ୍କ ଜମିର ମାଟି ପରୀକ୍ଷା ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରର ଏକ ଚାରିଚକିଆ ଯାନ ଗାଁରେ ମାଟି ପରୀକ୍ଷା କରୁଥିବା ସୂଚନା ମିଳିଛି। ଚାଷୀ ପ୍ରଶିକ୍ଷଣ ଓ ସଚେତନତା ପାଇଁ ବ୍ଲକର ସମସ୍ତ କୃଷି କର୍ମଚାରୀ ସାମିଲ ହୋଇଥିବା ବେଳେ ଶତାଧିକ କୃଷକ ପ୍ରଶିକ୍ଷଣରେ ଯୋଗଦେଇଥିଲେ।

# ଗର୍ଭବତୀଙ୍କୁ ଅମାନୁଷିକ ମାଡ଼, ଥାନାରେ ୩ ଅଟକ

ନୀଳଗିରି, ୨୯।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଚଟ୍ରିଖୁଣ୍ଟା ଗ୍ରାମରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଗର୍ଭବତୀ। କେତେଜଣ ଯୁବକ ମହିଳାଙ୍କ କେଶ ଧରି ରାସ୍ତାରେ ଘୋଷାରି ନେବା ସହ ଅମାନୁଷିକ ଭାବେ ବିଧା ଗୋଇଠା ମାରିଛନ୍ତି। ଏହି ଘଟଣାରେ ନୀଳଗିରି ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଚଟ୍ରିଖୁଣ୍ଟା ଗ୍ରାମର ଶମ୍ଭୁ ସିଂଙ୍କ ଝିଅର ଏକୋଇଶିଆ କାର୍ଯ୍ୟକ୍ରମ ଗତ ବୁଧବାର ଚାଲିଥିବା ବେଳେ ପଡ଼ୋଶୀ ତଥା ବନ୍ଧୁବାନ୍ଧବମାନେ ଘରକୁ ଆସିଥିଲେ। ନିଶାରେ ସମସ୍ତେ ନାଚଗୀତରେ ମାତିଥିବା ବେଳେ ଉକ୍ତ ଗ୍ରାମର ନକୁଳ ସିଂ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ନିଜ ଘରକୁ ଯାଇଥିବା ବେଳେ ନକୁଳ ମଧ୍ୟ ଘରକୁ ଯାଇଥିଲେ। ପଛରେ ଉକ୍ତ ଗ୍ରାମର ଫାଦୁଆ ସିଂ ନକୁଳଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିଥିଲେ । ପରେ ଗୁରୁବାର ସକାଳେ ଉଭୟପକ୍ଷଙ୍କ ଘଟଣାକୁ ନେଇ ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରିବାକୁ ବସିଥିବା ବେଳେ କୌଣସି ସମାଧାନ ହୋଇ ପାରି ନ ଥିଲା। ମଧ୍ୟାହ୍ନରେ ନକୁଳ ଓ ତାଙ୍କ ଭାଇ ଯୁଧିଷ୍ଠୀର ଓ ଯୁଧିଷ୍ଠୀରର ୮ମାସର ଗର୍ଭବତୀ ସ୍ତ୍ରୀ ସଂଯୁକ୍ତା ସିଂ ଖାଇବାକୁ ବସିଥିବା ବେଳେ ହଠାତ୍ ହାତରେ ଠେଙ୍ଗା ଓ ବାଡ଼ି ଧରି ଭାଦୁଆ ସିଂ, କୁଞ୍ଜ ସିଂ, ରାଜୁ ସିଂ ଓ ସନିଆ ସିଂ ଆକ୍ରମଣ କରିଥିଲେ। ନକୁଳ ଓ ଯୁଧିଷ୍ଠୀରଙ୍କୁ ଆକ୍ରମଣ ବେଳେ ସ୍ତ୍ରୀ ସଂଯୁକ୍ତା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ବିଧା ଗୋଇଠା ସହ କେଶ ଧରି ରାସ୍ତାରେ ଘୋଷାରି ଅମାନୁଷିକ ଭାବେ ମାଡ଼ ମାରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ବାହାରିବାରୁ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଖବର ପାଇ ନୀଳଗିରି ଥାନା ଏଏସ୍‌ଆଇ ଅନନ୍ତ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଗର୍ଭବତୀଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲ ପଠାଇଥିଲେ। ଏ ନେଇ ଯୁଧିଷ୍ଠିର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ପୋଲିସ ୩ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି।

### ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

# 'ଯୁବ ସମାଜ ସଂସ୍କାରୀ ହୁଅନ୍ତୁ'

ଉଦଳା,୨୯।୧୨(ଡି.ଏନ.ଏ.)

ଉଦଳା ବ୍ଲକ କୁଣ୍ଡାବାଇ ପଞ୍ଚାୟତ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଲକ୍ଷ୍ମୀଧର ଗିରି, ମୁଖ୍ୟବକ୍ତା ପ୍ରଫେସର ଅନାଦି ଗାଁଣ, ସମ୍ମାନିତ ଅତିଥି ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ପ୍ରମୁଖ ଯୋଗ ଦେଇ ଯୁବ ସମାଜ କିପରି ସଂସ୍କାରୀ ହୋଇ ସୁନ୍ଦର ଭବିଷ୍ୟତ ଗଠନ କରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗତ ୩ ଶିକ୍ଷା ବର୍ଷରେ ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ସୁନାମଧନ୍ୟ ଭେଷଜ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଉଦଳା ବିଧାୟକ ଭାସ୍କର ମଢେଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଆଜିର ସମାଜରେ କେବଳ ଶିକ୍ଷା ଅର୍ଜନ କରିଲେ ଯେ, ଜଣେ ଭଲ ମଣିଷ ହେବ ତାହା ନୁହେଁ, ନିଜର ଆଚାର ବ୍ୟବହାରରେ ମାର୍ଜିନା ରଖିବା ଜରୁରୀ ବୋଲି ମୁଖ୍ୟଅତିଥି ପ୍ରଫେସର ତ୍ରିପାଠୀ କହିଥିଲେ। ଏହି ଅବସରରେ କାଇ ପିମ୍ପୁଡି ଉପରେ ଗବେଷଣା କରୁଥିବା ଇଞ୍ଜିନିୟର ନୟାଧର ପଢିଆଳ, ଫଟୋ ସଂଗ୍ରାହକ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକଙ୍କ ସମେତ ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଦୁଇ ଦିନର ମଞ୍ଚ ପରିଚାଳନାରେ ସଭାପତିତ୍ୱ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା


ପ୍ରମିଳାଙ୍କ ବିୟୋଗରେ ଅଲିପୁର ଗ୍ରାମରେ ଅନୁଷ୍ଠିତ ଶୋକସଭା।

ଖଇରା, ୨୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ବେହେରା(୫୭) ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିବା ବେଳେ ସକାଳେ ଅଲିପୁରସ୍ଥିତ ଘରେ କାମ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଖଇରା ଓ ପରେ ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖଇରା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଗଭୀର ଶୋକପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଅଲିପୁର ଛକରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଝିଙ୍କିରିଆ ପ୍ରାଇମେରୀ ସ୍କୁଲରେ ଛାତ୍ରୀଛାତ୍ର ଓ ସହକାରୀ ଶିକ୍ଷକଙ୍କ ଗହଣରେ ପୃଥକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ପ୍ରମିଳାଙ୍କ ସ୍ୱାମୀ ଭଗବାନ ଦଳେଇ ଅନ୍ୟୁନ ୨୦ବର୍ଷ ତଳେ ଦିଲ୍ଲୀ ଯିବା ରାସ୍ତାରେ ନିଖୋଜ ହୋଇ ଯାଇଥିଲେ ।

# ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

ଭଦ୍ରକ ଅଫିସ,୨୯।୧୨

ଭଦ୍ରକ ଜିଲା ଚରମ୍ପା ସେବା ସମବାୟ ସମିତିରେ ବୁଧବାର ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରିୟବ୍ରତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ କମିଟି ସଦସ୍ୟ ଓ ବୋର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।


ମଣ୍ଡି ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

# ସିବିଆଇ ତଦନ୍ତ ଦାବିରେ ଭଞ୍ଜସେନାର ବିକ୍ଷୋଭ

**ହାତୀ ଶିକାର, ମହାବଳ ବାଘ ଚମଡ଼ା ବିକ୍ରି ଘଟଣା**

ବାରିପଦା ଅଫିସ,୨୯।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଦନ୍ତାହାତୀ ଶିକାର, ମହାବଳ ବାଘ ଚମଡ଼ା ବିକ୍ରି ଏବଂ ସୁରକ୍ଷା ପାଇଁ ଆସୁଥିବା ଅର୍ଥ ବାଟମାରଣା ଘଟଣାର ସିବିଆଇ ତଦନ୍ତ ଦାବି ଜୋର ଧରିଛି। ଏ ନେଇ ଅଗ୍ରଣୀ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ହାତୀ ଶିକାର ଓ ପ୍ରମାଣ ନଷ୍ଟ ଘଟଣାରେ ଜଡ଼ିତ ଥିବା ଅଧିକାରୀ ଓ ଦୋଷୀ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବାକୁ ନେଇ ବିଭାଗୀୟ ତଦନ୍ତ ଜାରି ରହିଛି। ତେବେ ମାମଲାକୁ ଚପାଇ ଦେବାକୁ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ କରି ସିବିଆଇ ତଦନ୍ତ ଦାବି କରିଛି ଭଞ୍ଜସେନା। ହାତୀ ଶିକାରୀ ଓ ପ୍ରମାଣ ନଷ୍ଟ କରିଥିବା ଅଧିକାରୀଙ୍କଠାରୁ ମୂଲ୍ୟବାନ ଦାନ୍ତ ଦ୍ରବ୍ୟ ଜବତ କରା ନ ଯିବା ଓ ବାଘ ଚମଡ଼ା ଜବତ ଘଟଣାରେ କେଉଁମାନେ ଜଡ଼ିତ ରହିଛନ୍ତି ତାର ଖୁଲାସା କରିବାକୁ ସଂଗଠନ ଦାବି କରିଛି। ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶରେ ସଙ୍ଗଠନ ପକ୍ଷରୁ ଏ ନେଇ ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅବଗତ କରିବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେନାର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଜିଲା ସଭାପତି ପିଣ୍ଟୁ ମାଇତି, ଶୃଙ୍ଖଳାଗତ କମିଟିର ସଭାପତି ସତ୍ୟସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଓବିସି ସେଲର ସଭାପତି ରାକେଶ ବେହେରା, ସାମନ୍ତ ଶେଖର ପାଲ, ମୁଖପାତ୍ର ମାନସ ବେହେରା, ଜ୍ୟୋତି ରଞ୍ଜନ ପୃଷ୍ଟି, ସୌମ୍ୟ ରଞ୍ଜନ ମିଶ୍ର, ରାକେଶ ମହାନ୍ତିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭଞ୍ଜସେନାର କର୍ମକର୍ତ୍ତା।

